THE NEW INDIAN EXPRESS

# Leadership development programme held

Birla Institute of Management Technology (BIMTECH), Greater Noida in collaboration with Birla Global University, Bhubaneswar, organized a five day Leadership Development Programme to amplify leadership abilities in future leaders in top strategic organisation. Dr. Sarat Kumar Acharya, CMD, NLC India Ltd inaugurated the Leadership Development Programme as Chief Guest. The programme emphasis was to build "Warrior Genes with Winning Mind", to Survive, Thrive and Excel in the business world. This programme was designed for senior and middle level executives from medium to large organizations. Interactive training programme was conducted.






ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ । ସମ୍ବଲପୁର । ବିଶାଖାପାଟଣା । କଲିକତା । ରାଉରକେଲା । ଭୁବନେଶ୍ୱର । ବ୍ରହ୍ମପୁର । ବାଲେଶ୍ୱର । ଅନୁଗୋଳ । କୋରାପୁଟରୁ ପ୍ରକାଶିତ
98 YEARS OF PUBLICATION Daily Edition: R.N.I.No.4005/57 P.R.No.CK(C)/17/2015-2017

# ବିକାଶକୁ ତ୍ୱରାନ୍ୱିତ କରିବ ଯୁବ ନେତୃତ୍ୱ

ପୁରୀ,୩।୧୦(ଆ.ପ୍ର): ଦେଶର ବିକାଶ ପାଇଁ ଦକ୍ଷ ଯୁବ ନେତୃତ୍ୱର ଆବଶ୍ୟକତା ରହିଛି । ଗୁଣବତ୍ତା ଓ




ସାଧୁତା ବ୍ୟବସାୟର ମନ୍ତ୍ର ହେବା ଉଚିତ୍ । ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ନେଇ କାର୍ଯ୍ୟ କଲେ ସଫଳତା ମିଳିବ ବୋଲି ପଦ୍ମଶ୍ରୀ ପ୍ରୀତମ୍ ସିଂ ମତ ଦେଇଛନ୍ତି । ବିର୍ଲା ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି (ବିମ୍‌ଟେକ) ଏବଂ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ନେତୃତ୍ୱ ବିକାଶ କର୍ମଶାଳାରେ ଯୋଗଦେଇ ସେ କହିଲେ  ବିଶ୍ୱରେ ଏବେ ଗାନ୍ଧିଜୀଙ୍କ ପରି ନେତୃତ୍ୱର ଅଭାବ ପରିଲକ୍ଷିତ ହୋଇଛି । ଜ୍ଞାନ ବ୍ୟକ୍ତିତ୍ୱର ବିକାଶ ଓ ମାନବିକ ମୂଲ୍ୟବୋଧର ପରିପ୍ରକାଶ କରେ । ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନଏଲସି ଇଣ୍ଡିଆ ଅଧ୍ୟକ୍ଷ ଡଃ ଶରତ କୁମାର ଆଚାର୍ଯ୍ୟ କହିଲେ ଶିଳ୍ପ ପରିଚାଳନା ଏବଂ ଅର୍ଥନୀତି କ୍ଷେତ୍ରରେ ସଂସ୍କାର ଆବଶ୍ୟକ । ନଗଦବିହୀନ କାରବାର ବ୍ୟବସାୟରେ ସ୍ୱଚ୍ଛତା ଆଣିବ ।  ଆଗାମୀ ୧୦ ବର୍ଷ ପରେ ଭାରତ ଶକ୍ତି ସଂକଟର ସମ୍ମୁଖୀନ ହେବ । ବିଶେଷଜ୍ଞଙ୍କ ପାଇଁ ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ସମାଜର ସବୁବର୍ଗକୁ ନେଇ ବିକାଶର ପନ୍ଥା ନିର୍ଦ୍ଧାରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରଫେସର କେ.କେ. ସିହ୍ନା ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ପରମେଶ୍ୱର ନାୟକ,  ପ୍ରଫେସର ସୁନିଲ ସାଙ୍ଗ୍ରା ଏବଂ ପ୍ରଫେସର ଏ.କେ ମାଲହୋତ୍ରା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ୫ ଦିନିଆ ଯୁବ ନେତୃତ୍ୱ ବିକାଶ ଶିବିରରେ ବିଭିନ୍ନ ସରକାରୀ ଓ ବେସରକାରୀ ଉଦ୍ୟୋଗର ୬୦ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି ।

THE ANUPAM BHARAT
ଅନୁପମ ଭାରତ
www.anupambharatonline.com
PUBLISHED FROM ● BRAHMAPUR ● BHUBANESWAR ● RAYAGADA

# ବିମ୍‌ଟେକ୍ ଓ ବିରଳା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପୁରୀ,୪।୧୦(ଅନୁପମ ମିଡ଼ିଆ): ବର୍ତ୍ତମାନର ପରିବର୍ତ୍ତନଶୀଳ ଏବଂ ପ୍ରତିଯୋଗୀତାପୂର୍ଣ୍ଣ ଯୁଗରେ ସଫଳ ହେବା ପାଇଁ ତଥା ସଙ୍ଗଠନର ନେତୃତ୍ୱ ନେବା ପାଇଁ ମ୍ୟାନେଜମେଣ୍ଟ ଲିଡରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୈଷୟିକ ଜ୍ଞାନ କ୍ଷେତ୍ରରେ ନୂତନ ଉଦ୍ଭାବନ ଯୋଗୁଁ ପରିବର୍ତ୍ତନଶୀଳ ଏହି ସମୟରେ ତ୍ୱରିତ ନିଷ୍ପତ୍ତି ନେବାର କୌଶଳ ହିଁ ଜିତିବାର ମୂଳମନ୍ତ୍ର। ଏଣୁ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ସହିତ ସମାଜରେ ହେଉଥିବା ସକାରାତ୍ମକ ପରିବର୍ତ୍ତନକୁ ମଧ୍ୟ ଗ୍ରହଣ କରିବା ଉଚିତ। ବିର୍ଲା ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି(ବିମ୍‌ଟେକ୍), ଗ୍ରେଟର ନୋଏଡା ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ), ଭୁବନେଶ୍ୱର ପକ୍ଷରୁ ମିଳିତ ଭାବରେ ଏକ ପାଞ୍ଚଦିନିଆ ନେତୃତ୍ୱ ବିକାଶ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ହୋଟେଲ ମେ ଫେୟାର ରିସର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଓ୍ୱାରିୟର ଥିଙ୍କ୍ ୱିଥ୍ ୱିନିଙ୍ଗ୍ ମାଇଣ୍ଡର ଉଦ୍ଘାଟକ ଡଃ ଶରତ କୁମାର ଆଚାର୍ଯ୍ୟ ତଥା ସିଏମ୍‌ଡି, ଏନ୍‌ଏଲସି ଇଣ୍ଡିଆ ଲିଃ. ଯୋଗଦାନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କର୍ପୋରେଟ୍ ସଂସ୍ଥାମାନଙ୍କର ସିନିୟର ଏକ୍ସିକ୍ୟୁଟିଭ୍‌ମାନେ ଯୋଗଦାନ କରି



ବିଭିନ୍ନ ଆଧୁନିକ ଶୈଳୀ ମାଧ୍ୟମରେ ପ୍ରଶିକ୍ଷଣ ଲାଭ କରିଥିଲେ। ଯାହା ସେମାନଙ୍କ ନେତୃତ୍ୱ ଶୈଳୀ ତଥା ପରିଚାଳନା ଶୈଳୀ ବିକାଶ କରିବାରେ ସହାୟକ ହେବ।

ଏହି କାର୍ଯ୍ୟକ୍ରମ ବିମ୍‌ଟେକ୍, ଗ୍ରେଟର ନୋଏଡାର ପ୍ରସିଦ୍ଧ ମ୍ୟାନେଜମେଣ୍ଟ ପ୍ରଫେସର ପଦ୍ମଶ୍ରୀ ପ୍ରିତମ ସିଂ, ପ୍ରଫେସର କେ.କେ. ସିହ୍ନା, ପ୍ରଫେସର ଏ.କେ. ମାଲୋହୋତ୍ରା, ପ୍ରଫେସର, ସୁନିଲ ସାଲ୍ଗ୍ରା ଏବଂ ବିଜିୟୁ (ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି), ଭୁବନେଶ୍ୱର ଡିନ୍, ପ୍ରଫେସର ପରମେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। ପ୍ରୋଗ୍ରାମ ଡାଇରେକ୍ଟର ପ୍ରିତମ ସିଂ ମ୍ୟାନେଜମେଣ୍ଟ ଗୁରୁ ଏବଂ ପ୍ରଶିକ୍ଷକ ତଥା ସୁବକ୍ତା ରୂପେ ଭାରତ ଏବଂ ଆନ୍ତର୍ଜାତୀୟ ସ୍ତରରେ ଜଣାଶୁଣା ଅଟନ୍ତି। ଆଇଆଇଏମ୍ ଲକ୍ଷ୍ନୌ, ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ କଲେଜ ଅଫ ଇଣ୍ଡିଆ (ଏଏସ୍‌ସିଆଇ), ଆଇଆଇଏମ୍ ବାଙ୍ଗାଲୋର, ଏମ୍‌ଡିଆଇ ଗୁରୁଗାଁଓ ଏବଂ ଆଇଏମ୍‌ଆଇ ଦିଲ୍ଲୀକୁ ନିଜର ଦିଗ୍ଦର୍ଶନ ପ୍ରଦାନ କରିଛନ୍ତି। ସେ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ପାଇଁ ଅଗଣିତ ପୁରସ୍କାର ସହ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ସମ୍ମାନ ମଧ୍ୟ ପ୍ରାପ୍ତ କରିଛନ୍ତି। କୋ-ପ୍ରୋଗ୍ରାମ୍ ଡାଇରେକ୍ଟର ପ୍ରଫେସର ସିହ୍ନା ଜଣେ ପ୍ରସିଦ୍ଧ କର୍ପୋରେଟ୍ ଏଚ୍‌ଆର ଏବଂ ଏଚ୍‌ଆର ଲିଡର ହେବା ସହ ୪୨ବର୍ଷ ଧରି ନିଜର ଅନୁଭୂତିକୁ ବିଭିନ୍ନ ଅନୁଷ୍ଠାନ ଯେପରି ସେଲ୍, ଏନ୍‌ଟିପିସି, ଆର୍‌ଆଇଏଲ୍ ଏବଂ ଜେଏସ୍‌ପିଏଲ୍‌ମାନଙ୍କ ମଧ୍ୟରେ ପ୍ରଦାନ କରିଛନ୍ତି।

ସର୍ବେ ଭବନ୍ତୁ ସୁଖିନଃ
ସମୟ SAMAYA
# ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
Bhubaneswar • Balasore • Angul • Berhampur • Sambalpur

# ବିମ୍‌ଟେକ୍ ଏବଂ ବିଜିୟୁ ପକ୍ଷରୁ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ଭୁବନେଶ୍ୱର, (ସବ୍ୟୁ) : ବର୍ତ୍ତମାନର ପରିବର୍ତ୍ତନଶୀଳ ଏବଂ ପ୍ରତିଯୋଗୀତାପୂର୍ଣ୍ଣ ଯୁଗରେ ସଫଳ ହେବା ପାଇଁ ତଥା ସଂଗଠନର ନେତୃତ୍ୱ ନେବା ପାଇଁ ମ୍ୟାନେଜମେଣ୍ଟ ଲିଡ଼ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୈଷୟିକ ଜ୍ଞାନ କ୍ଷେତ୍ରରେ ନୂତନ ଉଦ୍ଭାବନ ଯୋଗୁ ପରିବର୍ତ୍ତନଶୀଳ ଏହି ସମୟରେ ତ୍ୱରିତ ନିଷ୍ପତ୍ତି ନେବାର କୌଶଳ ହିଁ ଜିତିବାର ମୂଳମନ୍ତ୍ର । ଏଣୁ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ସହିତ ସମାଜରେ ହେଉଥିବା ସକାରାତ୍ମକ ପରିବର୍ତ୍ତନକୁ ମଧ୍ୟ ଗ୍ରହଣ କରିବା ଉଚିତ। ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି (ବିମ୍‌ଟେକ୍), ଗ୍ରେଟର ନୋଏଡ଼ା ଏବଂ ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ), ଭୁବନେଶ୍ୱର ପକ୍ଷରୁ ମିଳିତ ଭାବରେ ଏକ ପାଞ୍ଚଦିନିଆ ନେତୃତ୍ୱ ବିକାଶ ପ୍ରଶିକ୍ଷଣ କର୍ମଶାଳା ଓ୍ୱାରିୟର ଜିନ୍ସ ଓ୍ୱିଥ୍ ଓ୍ୱିନିଙ୍ଗ ମାଇଣ୍ଡର ଉଦ୍ଘାଟନ ଡ଼ଃ. ଶରତ କୁମାର ଆଚାର୍ଯ୍ୟ, ସିଏମ୍‌ଡ଼ି, ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ.ଙ୍କ ଦ୍ୱାରା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କର୍ପୋରେଟ୍ ସଂସ୍ଥାମାନଙ୍କର ସିନିୟର ଏକ୍ଜିକ୍ୟୁଟିଭ୍‌ମାନଙ୍କୁ ବିଭିନ୍ନ ଆଧୁନିକ ଶୈଳୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଯାହା ସେମାନଙ୍କ ନେତୃତ୍ୱଶୈଳୀ ତଥା ପରିଚାଳନା ଶୈଳୀ ବିକାଶ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମ ବିମ୍‌ଟେକ୍, ଗ୍ରେଟର ନୋଏଡ଼ାର ପ୍ରସିଦ୍ଧ ମ୍ୟାନେଜମେଣ୍ଟ ପ୍ରଫେସର ପଦ୍ମଶ୍ରୀ ପ୍ରିତମ୍ ସିଂ, ପ୍ରଫେସର କେ. କେ. ସିହ୍ନା, ପ୍ରଫେସର ଏ. କେ. ମାଲୋହୋତ୍ରା, ପ୍ରଫେସର ସୁନିଲ୍ ସାଙ୍ଗ୍ରା ଏବଂ ବିଜିୟୁ (ବିର୍ଲା ଗ୍ଲୋବାଲ ୟୁନିଭରସିଟି), ଭୁବନେଶ୍ୱରର ଡ଼ିନ୍ ପ୍ରଫେସର ପରମେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ହୋଇଯାଇଛି ।

ପ୍ରୋଗ୍ରାମ ଡ଼ାଇରେକ୍ଟର ପ୍ରିତମ୍ ସିଂ ମ୍ୟାନେଜମେ ଗୁରୁ ଏବଂ ପ୍ରଶିକ୍ଷକ ତଥା ସୁବକ୍ତା ରୂପେ ଭାରତ ଏବଂ ଆନ୍ତର୍ଜାତୀୟ ସ୍ତରରେ ଜଣାଶୁଣା ଅଟନ୍ତି । ଆଇଆଇଏମ୍ ଲକ୍ଷ୍ନୌ, ଆଡ଼ିମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ (ଏଏସ୍‌ସିଆଇ), ଆଇଆଇଏମ୍, ବାଙ୍ଗାଲୋର, ଏମ୍‌ଡ଼ିଆଇ ଗୁରୁଗାଁଓ ଏବଂ ଆଇଏମ୍‌ଆଇ ଦିଲ୍ଲୀକୁ ନିଜର ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି । ସେ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ପାଇଁ ଅଗଣିତ ପୁରସ୍କାର ସହ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ସମ୍ମାନ ମଧ୍ୟ ପ୍ରାପ୍ତ କରିଛନ୍ତି । କୋ-ପ୍ରୋଗ୍ରାମ ଡ଼ାଇରେକ୍ଟର ପ୍ରଫେସର ସିହ୍ନା ଜଣେ ପ୍ରସିଦ୍ଧ କର୍ପୋରେଟ ଏଚ୍‌ଆର୍ ଏବଂ ଏଚ୍‌ଆର୍ ଲିଡ଼ର ହେବା ସହ ୪୨ ବର୍ଷ ଧରି ନିଜର ଅନୁଭୂତିକୁ ବିଭିନ୍ନ ଅନୁଷ୍ଠାନ ଯେପରି ସେଲ୍, ଏନ୍‌ଟିପିସି, ଆର୍‌ଆଇଏଲ୍ ଏବଂ ଜେଏସ୍‌ପିଏଲ୍‌ମାନଙ୍କ ମଧ୍ୟରେ ପ୍ରଦାନ କରିଛନ୍ତି।

सदैव पाठकों के साथ

नवभारत

# पांच दिनों तक चलेगा लीडरशिप डेवलपमेंट प्रोग्राम





**भुवनेश्वर.** भविष्य के नेता पर विकास की जिम्मेदारी होती है. एक सफल नेता ही किसी संस्थान या समाज का विकास करता है, क्योंकि नेता ही व्यक्ति की मानसिकता और समय की मांग को देखकर फैसला लेता है और कदम बढ़ाता है. पांच दिनों के लिए आयोजित लीडरशिप डेवलपमेंट प्रोग्राम में इस बात को कही गई.

बिरला इंस्टीट्यूट ऑफ मैनेजमेंट टेक्नोलॉजी (बिमटेक), ग्रेटर नोएडा व बिरला ग्लोबल यूनिवर्सिटी भुवनेश्वर की ओर से पांच दिवसीय लीडरशिप डेवलपमेंट प्रोग्राम कराया जा रहा है जिसमें कि लीडरशिप डेवलपमेंट पर चर्चा की जा रही है. इसके लिए विचारक व विद्वानों को बुलाया गया है. इस दौरान एनएलसी इंडिया लिमिटेड के सीएमडी शरत कुमार आचार्य ने मुख्य अतिथि के तौर पर बात रखते हुए कहा कि नेतृत्वकारी क्षमता के बिना कुशलता से घर और संस्थान नहीं चलाया जा सकता है. हर क्षेत्र में इसकी जरूरत है. इसके लिए हमें मॉडल तैयार कर बच्चों को लीडर बनाना चाहिए. कार्यक्रम निदेशक डॉ. प्रीतम सिंह को क्षेत्र के वैश्विक गुरुओं में से एक माना जाता है. इनका मानना है कि अन्य विषयों की तरह नेतृत्वकारी क्षमता की आवश्यकता भी अहम है. इस पर ध्यान दिया जाना चाहिए.

卐 ।। श्री हरिः ।। 卐

# सन्मार्ग

नमोऽस्तु रामाय सलक्ष्मणाय देव्यै च तस्यै जनकात्मजायै नमोऽस्तुरुद्रेन्द्रयमानिलेभ्यो नमोऽस्तुचन्द्रार्कमरुद्गणेभ्यः

## बिमटेक एवं बीजीयू का नेतृत्व विकास कार्यक्रम शुरू



**भुवनेश्वर** : बिड़ला इंस्टीट्यूट आफ मैनेजमेंट टेक्नालाजी (बिमटेक), ग्रेटर नोएडा एवं बिड़ला ग्लोबल यूनिवर्सिटी (बीजीयू), भुवनेश्वर की ओर से संयुक्त रूप से पांच दिवसीय नेतृत्व विकास प्रशिक्षण कार्यक्रम 'वारियर जीन्स विद विनिंग माइंड' का शुभारंभ हुआ। एनएलसी इंडिया लि के सीएमडी डा शरत कुमार आचार्य ने इस कार्यक्रम का उद्घाटन किया। इस कार्यक्रम में विभिन्न कार्पोरेट संस्थाओं के वरिष्ठ अधिकारियों को विभिन्न आधुनिक शैली के माध्यम से प्रशिक्षण दिया गया, जो उनके नेतृत्व शैली तथा संचालन शैली का विकास करने में सहायक होगा। यह कार्यक्रम बिमटेक, ग्रेटर नोएडा के प्रसिद्ध मैनेजमेंट प्रोफेसर पद्मश्री प्रीतम सिंह, प्रोफेसर केके सिन्हा, प्रोफेसर एके माल्होत्रा, प्रोफेसर सुनील सांग्रा एवं बीजीयू, भुवनेश्वर के डीन प्रोफेसर परमेश्वर नायक के प्रत्यक्ष तत्वावधान में संचालित हुआ। उल्लेखनीय है कि प्रोग्राम डायरेक्टर प्रीतम सिंह ने मैनजमेंट गुरु एवं प्रशिक्षक तथा एक अच्छे वक्ता के रूप में भारत व अंतर्राष्ट्रीय स्तर पर जानेमाने व्यक्ति हैं। आईआईएम लखनऊ, एडमिनीस्ट्रेटिव स्टाफ कालेज आफ इंडिया (एएससीआई), आईआईएम, बेंगलूरू, एमडीआई गुरुग्राम एवं आईएमआई दिल्ली को उन्होंने अपना मार्गदर्शन दिया है। वे शिक्षा के क्षेत्र में अपने योगदान के लिए अनगिनत पुरस्कार सहित भारत सरकार की ओर से पद्मश्री सम्मान से सम्मानित किये गये हैं। को-प्रोग्राम डाइरेक्टर प्रोफेसर सिन्हा एक प्रसिद्ध कार्पोरेट एचआर एवं एचआर लीडर होने के साथ 42 सालों से अपने अनुभव को विभिन्न उद्योगों जैसे सेल, एनटीपीसी, आरआईएल एवं जेएसपीएल को भी दिया है।

ସୂର୍ଯ୍ୟପ୍ରଭା
SURYAPRAVA

# ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

।। ପ୍ରଭାନ୍ୟୁଜ ।। ଭୁବନେଶ୍ୱର, ୫।୧୦: ପରିବର୍ତ୍ତନଶୀଳ ଏବଂ ପ୍ରତିଯୋଗୀତାପୂର୍ଣ୍ଣ ଯୁଗରେ ସଫଳ ହେବା ପାଇଁ ତଥା ସଂଗଠନର ନେତୃତ୍ୱ ନେବା ପାଇଁ ମ୍ୟାନେଜମେଣ୍ଟ ଲିଡ଼ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବୈଷୟିକ ଜ୍ଞାନ କ୍ଷେତ୍ରରେ ନୂତନ ଉଦ୍ଭାବନ ଯୋଗୁ ପରିବର୍ତ୍ତନଶୀଳ ଏହି ସମୟରେ ତ୍ୱରିତ ନିଷ୍ପତ୍ତି ନେବାର କୌଶଳ ହିଁ ଜିତିବାର ମୂଳମନ୍ତ୍ର । ଏଣୁ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ସହିତ ସମାଜରେ ହେଉଥିବା ସକାରାତ୍ମକ ପରିବର୍ତ୍ତନକୁ ମଧ୍ୟ ଗ୍ରହଣ କରିବା ଉଚିତ । ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି (ବିମ୍‌ଟେକ୍), ଗ୍ରେଟର ନୋଏଡ଼ା ଏବଂ ବିର୍ଲା ଗ୍ଲୋବାଲ ୟୁନିଭରସିଟି , ଭୁବନେଶ୍ୱର ପକ୍ଷରୁ ମିଳିତ ଭାବରେ ଏକ ପାଞ୍ଚଦିନିଆ ନେତୃତ୍ୱ ବିକାଶ ପ୍ରଶିକ୍ଷଣ କର୍ମଶାଳା "ୱାରିୟର ଜିନ୍ସ ୱିଥ୍ ୱିନିଙ୍ଗ୍ ମାଇଣ୍ଡ"ର ଉଦ୍‌ଘାଟନ ଡ଼ଃ. ଶରତ କୁମାର ଆଚାର୍ଯ୍ୟ, ସିଏମ୍‌ଡ଼ି, ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ.ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କର୍ପୋରେଟ୍ ସଂସ୍ଥାମାନଙ୍କର ସିନିୟର ଏକ୍‌ଜିକ୍ୟୁଟିଭ୍‌ମାନଙ୍କୁ ବିଭିନ୍ନ ଆଧୁନିକ ଶୈଳୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଯାହା ସେମାନଙ୍କ ନେତୃତ୍ୱଶୈଳୀ ତଥା ପରିଚାଳନା ଶୈଳୀ ବିକାଶ କରିବାରେ ସହାୟକ ହେବ । ଏହି କାର୍ଯ୍ୟକ୍ରମ ବିମ୍‌ଟେକ୍, ଗ୍ରେଟର ନୋଏଡ଼ାର ପ୍ରସିଦ୍ଧ ମ୍ୟାନେଜମେଣ୍ଟ ପ୍ରଫେସର ପଦ୍ମଶ୍ରୀ ପ୍ରିତମ୍ ସିଂ, ପ୍ରଫେସର କେ. କେ. ସିହ୍ନା, ପ୍ରଫେସର ଏ. କେ. ମାଲୋହୋତ୍ରା, ପ୍ରଫେସର ସୁନିଲ୍ ସାଙ୍ଗ୍ରା ଏବଂ ବିଜିୟୁ , ଭୁବନେଶ୍ୱରର ଡ଼ିନ୍ ପ୍ରଫେସର ପରମେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା ।